# ସତ୍ୟବାଣୀ
# VOICE OF TRUTH

VOL-XXVIII KAKINADA JULY-AUG-2022

## ମୃତ୍ୟୁ ପରେ ?
## (After Death What ?)

ଜଗତର ପ୍ରତ୍ୟେକ ଧର୍ମପନ୍ଥା ମୃତ୍ୟୁ ପରେ ମନୁଷ୍ୟର ସ୍ଥିତି ବିଷୟରେ ଆପଣା ଆପଣା ମତ ପ୍ରକାଶ କରନ୍ତି, କିନ୍ତୁ କେହି ମରଣ ଭୋଗୀ, ସମାଧିରୁ ଫେରି ଆସି ନାହାନ୍ତି ।

ଆମ୍ଭେମାନେ ସତ୍ୟ ପରମେଶ୍ୱରଙ୍କ ସନ୍ଧାନ ପାଇଅଛୁ । ତାହାଙ୍କ ଲିଖିତ ପୁସ୍ତକରେ ଅକ୍ଷୟ, ଅନନ୍ତ ସତ୍ୟ ଲିଖିତ ହୋଇଅଛି । ଅତଏବ, ମୃତ୍ୟୁ ବିଷୟରେ ଏହି ପୁସ୍ତକରେ ଲିଖିତ ବିଷୟ ସକଳ ସତ୍ୟ ! ପରଲୋକ ବିଷୟରେ କୌଣସି ମନୁଷ୍ୟର ଜ୍ଞାନ ନ ଥିବାରୁ, ଈଶ୍ୱରଙ୍କ ଶାସ୍ତ୍ରରେ ଲିଖିତ ସତ୍ୟ ବିଷୟଗୁଡ଼ିକ ଗ୍ରହଣ କରୁ ଓ ଆଜ୍ଞାବହ ହେଉ । ଈଶ୍ୱରଙ୍କ ଶାସ୍ତ୍ର ଅର୍ଥାତ୍ ବାଇବଲ ଅନୁସନ୍ଧାନ କଲେ, ମୃତ୍ୟୁ ପରେ କଅଣ ଘଟିବ ଜାଣି ପାରିବା । ''ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ...ନିରୂପିତ ହୋଇଅଛି...'' (ଏବ୍ରୀ ୯:୨୮) । ଉପଦେଶକ କହନ୍ତି ''ସମସ୍ତେ ଏକ ସ୍ଥାନକୁ ଯା'ନ୍ତି, ସମସ୍ତେ ଧୂଳିରୁ ଉତ୍ପନ୍ନ ଓ ସମସ୍ତେ ପୁନଃର୍ବାର ଧୂଳିରେ ଲୀନ ହୁଅନ୍ତି ।'' (ଉପ ୩:୨୦-୧୨:୨)

ମନୁଷ୍ୟର ମରଣ ସମୟରେ ତାହାର ଶରୀରରୁ ଆତ୍ମା ବିଚ୍ଛିନ୍ନ ହୁଏ ବୋଲି ସମସ୍ତେ ଜାଣନ୍ତି । କିନ୍ତୁ ତତ୍ପରେ ମନୁଷ୍ୟର ଆତ୍ମାର ଗତି ବିଷୟ ବିବାଦର ବିଷୟ ।

ଇହଲୋକରୁ ପରଲୋକରେ ପ୍ରବେଶ ନିମନ୍ତେ ମନୁଷ୍ୟ କିପରି ପ୍ରସ୍ତୁତ ହୋଇପାରିବ, ତାହା ବାଇବଲ ଶିକ୍ଷାର ମୁଖ୍ୟ ବିଷୟବସ୍ତୁ । ଯଦି ପରଲୋକ ନାହିଁ, ତେବେ ଈଶ୍ୱରଙ୍କୁ ଜାଣିବା ମଧ୍ୟ ଆବଶ୍ୟକ ନାହିଁ, ତାହାଙ୍କୁ ଅନୁସନ୍ଧାନ କରି ଅବଲମ୍ବନ

କରିବା ଅନାବଶ୍ୟକ ଓ ବୃଥା । ଯଦି ମନୁଷ୍ୟର ଅନେକ ଜୀବନ ଥାଏ ଓ ଏହି ଜାଗତିକ ଜୀବନ ଅନୁଭବ ନ କରିବା, ମୂର୍ଖତାର ବିଷୟ ! କିନ୍ତୁ ଏହି ପ୍ରଣାଳୀ ଈଶ୍ୱରଙ୍କ ବାକ୍ୟରେ ଲିଖିତ ହୋଇନାହିଁ । ଈଶ୍ୱରଙ୍କ ବାକ୍ୟ, ମନୁଷ୍ୟ ଏକମାତ୍ର ଥର ଏହି ଜଗତରେ ଜନ୍ମ ନିଏ, ଏକମାତ୍ର ଥର ମୃତ୍ୟୁବରଣ କରେ ଓ ତତ୍ପରେ ବିଚାର ଦିନ ନିମନ୍ତେ ଅପେକ୍ଷା କରେ ବୋଲି ବାଇବଲ ଆମ୍ଭମାନଙ୍କୁ ଶିକ୍ଷା ଦିଏ । ଖ୍ରୀଷ୍ଟଧର୍ମ ଏହି ପ୍ରଣାଳୀ ଉପରେ ଆଧାରିତ । ଖ୍ରୀଷ୍ଟ ମାନବ ସମାଜକୁ ପାପରୁ ମୁକ୍ତ କରିବା ନିମନ୍ତେ ମୃତ୍ୟୁ ଭୋଗିଲେ, କିନ୍ତୁ ମୃତ ମନୁଷ୍ୟ କୌଣସି କର୍ମ ସାଧନ କରିପାରେ ନାହିଁ । କିନ୍ତୁ ଯୀଶୁଖ୍ରୀଷ୍ଟ ମୃତ୍ୟୁ ପରାସ୍ତ କରି ବିଜୟୀ ହୋଇଅଛନ୍ତି ଓ ଶକ୍ତି ସହ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ରୂପେ ନିରୂପିତ ହୋଇଅଛନ୍ତି । ଗତ ବିଂଶ ଶତାବ୍ଦୀରୁ ଅବିଶ୍ୱାସୀ ଓ ତର୍କବାଦୀମାନେ ଖ୍ରୀଷ୍ଟଙ୍କ ପୁନଃରୁଥାନ ବିଷୟରେ ନାସ୍ତି କରିଆସୁଅଛନ୍ତି । କିନ୍ତୁ ସେମାନେ ପୁନଃରୁଥିତ ଯୀଶୁଖ୍ରୀଷ୍ଟଙ୍କ ଚକ୍ଷୁଷ ସାକ୍ଷୀମାନଙ୍କ ହୃଦୟରୁ ତାହାଙ୍କ ଠାରେ ଥିବା ବିଶ୍ୱାସ ପୋଛି ପାରିନାହାନ୍ତି । ସେମାନେ ଖ୍ରୀଷ୍ଟଙ୍କ ପୁନଃରୁଥାନରେ ବିଶ୍ୱାସ କରି ମୃତ୍ୟୁ ଭୋଗିଲେ । ତାହାଙ୍କ ଠାରେ ମୃତ୍ୟୁ ଭୋଗିବା ପ୍ରତ୍ୟେକ ତାହାଙ୍କ ଆଗମନ ସମୟରେ ପୁନଃରୁଥିତ ହେବେ । ''ଯଦି କେବଳ ଏହି ଜୀବନ ନିମନ୍ତେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ଭରସା ରଖିଅଛୁ, ତେବେ ସମସ୍ତ ମନୁଷ୍ୟଙ୍କ ଠାରୁ ଆମ୍ଭେମାନେ ଦୁର୍ଭାଗ୍ୟ ।'' ''କିନ୍ତୁ କେହି କହିବେ, ମୃତମାନେ କିପରି ଉତ୍‌ଥିତ ହୁଅନ୍ତି ? କି ପ୍ରକାର ଶରୀରରେ ସେମାନେ ଆସନ୍ତି ? ହେ ନିର୍ବୋଧ, ତୁମ୍ଭେ ନିଜେ ଯାହା ବୁଣ, ତାହା ନ ମଲେ ସଜୀବ ହୁଏ ନାହିଁ, ଆଉ ଯେଉଁ ଶରୀର ହେବ, ତାହା ତୁମ୍ଭେ ବୁଣ ନାହିଁ, କିନ୍ତୁ ଗହମ ହେଉ ବା ଅନ୍ୟ କୌଣସି ଶସ୍ୟ ହେଉ, ତାହା କେବଳ ଦାନା ମାତ୍ର, କିନ୍ତୁ ଈଶ୍ୱର ଆପଣା ଇଚ୍ଛାନୁସାରେ ତାହାକୁ ଶରୀର ଦିଅନ୍ତି, ଆଉ ସମସ୍ତ ବୀଜ ମଧ୍ୟରୁ ପ୍ରତ୍ୟେକଙ୍କୁ ତାହାର ନିଜ ଶରୀର ଦିଅନ୍ତି । ''ମୃତମାନଙ୍କର ପୁନଃରୁଥାନ ହୁଏ । ଅନାଦରରେ ବୁଣାଯାଏ, ଗୌରବାନ୍ୱିତ ହୋଇ ଉତ୍‌ଥିତ ହୁଏ । ପ୍ରାକୃତିକ ଶରୀର ବୁଣାଯାଏ, ଆତ୍ମିକ ଶରୀର ଉତ୍‌ଥିତ ହୁଏ । ଯଦି ପ୍ରାକୃତିକ ଶରୀର ଅଛି, ତେବେ ଆତ୍ମିକ ଶରୀର ସୁଦ୍ଧା ଅଛି ।'' ...ହେ ଭାଇମାନେ, ମୁଁ ଏହା କହୁଅଛି, ରକ୍ତମାଂସ ଈଶ୍ୱରଙ୍କ ରାଜ୍ୟ ଅଧିକାର କରିପାରେ ନାହିଁ, କିମ୍ବା କ୍ଷୟ ଅକ୍ଷୟତାକୁ ଅଧିକାର କରେ ନାହିଁ । ଦେଖ, ମୁଁ ତୁମ୍ଭମାନଙ୍କୁ ଗୋଟିଏ ନିଗୂଢ଼ କଥା କହୁଅଛି,

ଆମ୍ଭେମାନେ ସମସ୍ତେ ମହାନିଦ୍ରାପ୍ରାପ୍ତ ହେବା ନାହିଁ । କିନ୍ତୁ ଏକ ମୁହୂର୍ତ୍ତରେ ଚକ୍ଷୁର ପଲକରେ, ଶେଷ ତୂରୀଧ୍ୱନୀରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା; କାରଣ ତୂରୀ ବାଜିବ ଆଉ ମୃତମାନେ ଅକ୍ଷୟ ହୋଇ ଉତ୍‌ଥିତ ହେବେ, ପୁଣି ଆମ୍ଭେମାନେ ପରିବର୍ତ୍ତିତ ହେବା ।'' (୧ମ କରିନ୍ଥୀ ୧୫:୧୯-୨୦; ୩୫-୩୮; ୪୨-୪୪, ୫୦-୫୨)

ଈଶ୍ୱରଙ୍କ ପରିବାର ହିଁ ତାହାଙ୍କ ରାଜ୍ୟ । ତାହାଙ୍କ ପୁତ୍ର ତାହାଙ୍କ ରାଜ୍ୟର ଅଧିକାରୀ । ତାହାଙ୍କ ରାଜ୍ୟର ପ୍ରଜା କେତେକ ମୃତ ଓ କେତେକ ଜୀବିତ । ମୃତମାନଙ୍କ ବିଷୟରେ ପ୍ରେରିତ ପାଉଲ କହନ୍ତି; ହେ ଭାଇମାନେ, ଭରସାହୀନ ଅନ୍ୟ ସମସ୍ତଙ୍କ ପରି ତୁମ୍ଭେମାନେ ଯେପରି ଶୋକାକୂଳ ନ ହୁଅ, ଏଥି ନିମନ୍ତେ ମହାନିଦ୍ରାପ୍ରାପ୍ତ ଲୋକମାନଙ୍କ ବିଷୟରେ ତୁମ୍ଭେମାନେ ଯେ ଅଜ୍ଞ ଥାଅ, ଏହା ଆମ୍ଭମାନଙ୍କର ଇଚ୍ଛା ନୁହେଁ । କାରଣ ଯଦି ଆମ୍ଭେମାନେ ବିଶ୍ୱାସ କରୁ ଯେ, ଯୀଶୁ ମରି ପୁନର୍ବାର ଉଠିଅଛନ୍ତି, ତେବେ ଈଶ୍ୱର ଯେ ଯୀଶୁଙ୍କ ଦ୍ୱାରା ମହାନିଦ୍ରାପ୍ରାପ୍ତ ଲୋକମାନଙ୍କୁ ସେହି ପ୍ରକାରେ ତାହାଙ୍କ ସଙ୍ଗରେ ଆଣିବେ, ଏହା ମଧ୍ୟ ବିଶ୍ୱାସ କରିବା ଉଚିତ । ଯେଣୁ ଆମ୍ଭେମାନେ ପ୍ରଭୁଙ୍କ ବାକ୍ୟାନୁସାରେ ତୁମ୍ଭମାନଙ୍କୁ ଏହା କହୁଅଛୁ, ଆମ୍ଭେମାନେ ଯେତେ ଲୋକ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ଜୀବିତ ରହି ଅବଶିଷ୍ଟ ଥିବୁ, ଆମ୍ଭେମାନେ କୌଣସି ପ୍ରକାରେ ମହାନିଦ୍ରାପ୍ରାପ୍ତ ଲୋକମାନଙ୍କର ଅଗ୍ରଗାମୀ ହେବୁ ନାହିଁ । କାରଣ ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀ ବାଦ୍ୟ ସହିତ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଥାଇ ମରିଅଛନ୍ତି, ସେମାନେ ପ୍ରଥମରେ ଉଠିବେ । ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବୁ; ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।'' (୧ମ ଥେସ ୪:୧୩-୧୭) । ''ତତ୍ପରେ ଯୁଗାନ୍ତ ଉପସ୍ଥିତ ହେବ, ସେ ସମୟରେ ସେ ସମସ୍ତ କର୍ତ୍ତାପଣ, ସମସ୍ତ କ୍ଷମତା ଓ ଶକ୍ତି ଲୋପ କଲା ଉତ୍ତାରେ ପିତା ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ । କାରଣ ସେ ସମସ୍ତ ଶତ୍ରୁଙ୍କୁ ନିଜର ପାଦ ତଳେ ନ ରଖିବା ପର୍ଯ୍ୟନ୍ତ ତାହାଙ୍କୁ ଅବଶ୍ୟ ରାଜତ୍ୱ କରିବାକୁ ହେବ ।'' (୧ମ କରିନ୍ଥୀ ୧୫:୨୪-୨୬) ''ପୁଣି ମୁଁ କ୍ଷୁଦ୍ର ଓ ମହାନ ସମସ୍ତ ମୃତ ଲୋକଙ୍କୁ

ସିଂହାସନର ସମ୍ମୁଖରେ ଠିଆ ହୋଇଥିବାର ଦେଖିଲି, ଆଉ ପୁସ୍ତକ ସବୁ ଫିଟାଗଲା, ପରେ ଜୀବନପୁସ୍ତକ ନାମକ ଆଉ ଗୋଟିଏ ପୁସ୍ତକ ଫିଟାଗଲା; ସେହି ପୁସ୍ତକମାନଙ୍କରେ ଲିଖିତ ବିଷୟ ପ୍ରମାଣେ ମୃତମାନେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ। ସମୁଦ୍ର ଅପାଣାର ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲା, ଆଉ ମୃତ୍ୟୁ ଓ ପାତାଳ ମଧ୍ୟବର୍ତ୍ତୀମାନଙ୍କୁ ସମର୍ପଣ କଲେ, ପୁଣି ସେମାନେ ପ୍ରତ୍ୟେକ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ । ତତ୍ପରେ ମୃତ୍ୟୁ ଓ ପାତାଳକୁ ଅଗ୍ନିମୟ ହ୍ରଦରେ ପକାଗଲା । ଏହି ମୃତ୍ୟୁ, ଅର୍ଥାତ୍ ଅଗ୍ନିମୟ ହ୍ରଦ, ଦ୍ୱିତୀୟ ମୃତ୍ୟୁ । ଯାହାର ନାମ ଜୀବନ ପୁସ୍ତକରେ ଲେଖା ହୋଇଥିବାର ଦେଖା ନ ଗଲା । ତାହାକୁ ଅଗ୍ନିମୟ ହ୍ରଦରେ ପକାଗଲା ।'' (ପ୍ରକା ୨୦:୧୨-୧୫) ''ପରେ ମୁଁ ଏକ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ଦେଖିଲି, କାରଣ ପ୍ରଥମ ଆକାଶମଣ୍ଡଳ ଓ ପ୍ରଥମ ନୂତନ ଯିରୁଶାଲମକୁ ବର ନିମନ୍ତେ ସଜ୍ଜିତା କନ୍ୟାର ସଦୃଶ୍ୟ ପ୍ରସ୍ତୁତ ହୋଇ ସ୍ୱର୍ଗକୁ ଈଶ୍ୱରଙ୍କ ନିକଟରୁ ଅବତରଣ କରିବାର ଦେଖିଲି । ଆଉ ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି, ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ । ପୁଣି, ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କୁ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ ; ମୃତ୍ୟୁ ଆଉ ଘଟିବ ନାହିଁ; ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ହେବ ନାହିଁ, କାରଣ ପୂର୍ବ ବିଷୟସବୁ ଲୋପ ପାଇଅଛି ।'' (ପ୍ର:ବା: ୨୧:୧-୪) । ''ଆଲୋକ ନିମନ୍ତେ ସେହି ନଗରୀର ସୂର୍ଯ୍ୟ କି ଚନ୍ଦ୍ରର ପ୍ରୟୋଜନ ନାହିଁ, କାରଣ ଈଶ୍ୱରଙ୍କ ଗୌରବ ତାହାକୁ ଆଲୋକିତ କରେ ଓ ମେଷଶାବକ ସେଥିରେ ପ୍ରଦୀପ ସ୍ୱରୂପ, ସେଥିର ଆଲୋକରେ ଜାତି ସମୂହ ଗମନାଗମନ କରିବେ, ପୁଣି ପୃଥିବୀର ରାଜାମାନେ ଆପଣା ଆପଣା ଐଶ୍ୱର୍ଯ୍ୟ ତାହା ମଧ୍ୟକୁ ଆଣିବେ । ସେଥିରେ ଦ୍ୱାର ସମୂହ ଦିନ ବେଳେ କଦାପି ରୁଦ୍ଧ ହେବ ନାହିଁ, କାରଣ ସେ ସ୍ଥାନରେ ରାତ୍ରୀ ହେବ ନାହିଁ । ଲୋକ ଜାତି ସମୂହର ଏଶ୍ୱର୍ଯ୍ୟ ଓ ମହିମା କିଅବା ଘୃଣ୍ୟକର୍ମକାରୀ ଓ ମିଥ୍ୟାଚାରୀ କେହି ସେଥିରେ କଦାପି ପ୍ରବେଶ କରିବ ନାହିଁ । କେବଳ ଯେଉଁମାନଙ୍କ ନାମ ମେଷଶାବକଙ୍କ ଜୀବନ ପୁସ୍ତକରେ ଲିଖିତ ଅଛି, ସେମାନେ ପ୍ରବେଶ କରିବେ।'' (ପ୍ର:ବା ୨୧:୨୩-୨୭) । ପରେ ସେ ମୋତେ ଜୀବନଦାୟକ ଜଳର ଗୋଟିଏ ନଦୀ ଦେଖାଇଲେ, ତାହା ସ୍ଫଟିକ ସଦୃଶ ଉଜ୍ଜ୍ୱଳ, ପୁଣି ଈଶ୍ୱର ଓ ମେଷଶାବକଙ୍କ

ସିଂହାସନରୁ ନିର୍ଗତ ହୋଇ ନଗର ପଥ ମଧ୍ୟ ଦେଇ ପ୍ରବାହିତ ହେଉଅଛି । ସେହି ନଦୀର ଉଭୟ ପାର୍ଶ୍ୱରେ ଦ୍ୱାଦଶ ଥର ଫଳଦାୟକ ଜୀବନବୃକ୍ଷ ଅଛି । ସେଥିରେ ପ୍ରତି ମାସରେ ଫଳ ଫଳେ ପୁଣି ସେହି ବୃକ୍ଷର ପତ୍ର ଜାତି ସମୂହର ଆରୋଗ୍ୟକାରକ । କୌଣସି ଅଭିଶପ୍ତ ବିଷୟ ଆଉ ରହିବ ନାହିଁ । ଈଶ୍ୱର ଓ ମେଷଶାବକମାନଙ୍କ ସିଂହାସନ ନଗରୀ ମଧ୍ୟରେ ରହିବ, ଆଉ ତାହାଙ୍କ ଦାସମାନେ ତାହାଙ୍କର ଉପାସନା କରିବେ । ସେମାନେ ତାହାଙ୍କ ମୁଖ ଦର୍ଶନ କରିବେ ଓ ତାହାଙ୍କ ନାମ ସେମାନଙ୍କ କପାଳରେ ଲିଖିତ ରହିବ । ରାତ୍ରୀ ଆଉ ହେବ ନାହିଁ, ସେମାନଙ୍କର ପ୍ରଦୀପ କି ସୂର୍ଯ୍ୟର ଆଲୋକର ପ୍ରୟୋଜନ ନାହିଁ, କାରଣ ପ୍ରଭୁ ଈଶ୍ୱର ସେମାନଙ୍କ ଉପରେ ଆଲୋକ ସ୍ୱରୂପ ହେବ, ପୁଣି ସେମାନେ ଯୁଗେ ଯୁଗେ ରାଜତ୍ୱ କରିବେ ।'' (ପ୍ରଃବା ୨୨:୧-୫)

**- J.C. Chaote**

❋❋❋

# ପୂର୍ବେ ଇସ୍ରାଏଲ - ବର୍ତ୍ତମାନ ମତଶାଖା

## (Israel Then - Denomination Now)

ଆପଣା ଆପଣା କୁପଥରୁ ସଦାପ୍ରଭୁ ପରମେଶ୍ୱରଙ୍କ ନିକଟକୁ ଫେରିଆସିବା ନିମନ୍ତେ ସଦାପ୍ରଭୁ, ଯିରିମିୟ ଭାବବାଦୀ ଇସ୍ରାଏଲୀୟମାନଙ୍କ ଦ୍ୱାରା ସତର୍କ କରିଥିଲେ। ସେ ଯିରୁଶାଲମରେ କୌଣସି ଧାର୍ମିକ ଲୋକଙ୍କ ସନ୍ଧାନ ପାଇ ନଥିଲେ । ସେ ଦଶଜଣ ଧାର୍ମିକ ବ୍ୟକ୍ତିମାନଙ୍କୁ ସଦୋମ ଓ ଗୋମରା ନଗରମାନଙ୍କରେ ସନ୍ଧାନ ନ ପାଇ, ସେହି ଦୁଇ ନଗରଗୁଡ଼ିକ ଅଗ୍ନି ଓ ଗନ୍ଧକ ଦ୍ୱାରା ଧ୍ୱଂସ କରିଥିଲେ । (ଆଦି ୧୮:୧୯)। ସେ ଯିରୁଶାଲମରେ ଏକମାତ୍ର ଧାର୍ମିକ ବ୍ୟକ୍ତିଙ୍କ ସନ୍ଧାନ ପାଇ ନ ଥିଲେ । ''ତୁମ୍ଭେମାନେ ଯିରୁଶାଲମର ସବୁ ସଡ଼କରେ ଏଣେତେଣେ ଧାଇଁ ଦେଖ ଓ ବୁଝ; ଆଉ ତହିଁର ଛକସ୍ଥାନ ସବୁରେ ଖୋଜ, ଯେବେ ନ୍ୟାୟାଚାରୀ ଓ ସତ୍ୟ ଅନ୍ୱେଷଣକାରୀ ଏକଜଣ ପାଇପାର, ତେବେ ଆମ୍ଭେ ସେ ନଗରକୁ କ୍ଷମା କରିବା ।'' (ଯିରିମିୟ ୫:୧) । କଠିନ ହୃଦୟୀ ଯିହୁଦାବାସୀ ରୋଦନକାରୀ ଭାବବାଦୀଙ୍କ ସତର୍କତାରେ ଭୃକ୍ଷେପ କଲେ ନାହିଁ ।

ପୁନଃର୍ବାର ସଦାପ୍ରଭୁ ରାଜାଙ୍କୁ ଜଣାଇବା ବାର୍ତ୍ତା ଏକ ପୁସ୍ତକରୂପରେ ଯିରିମିୟଙ୍କ ଦ୍ୱାରା ଲେଖାଇଲେ । "ତହୁଁ ରାଜା ପୁସ୍ତକ ଆଣିବା ପାଇଁ ଯିହୂଦୀକୁ ପଠାଇଲେ, ସେ ଇଲୀଶାମା ଲେଖକର କୋଠରୀରୁ ତାହା ଆଣିଲା । ପୁଣି, ଯିହୂଦୀ ରାଜାଙ୍କ କର୍ଣ୍ଣଗୋଚରରେ ଓ ତାହାଙ୍କ ଛାମୁରେ ଠିଆ ହୋଇଥିବା ସମସ୍ତ ଅଧିପତିଙ୍କୁ କର୍ଣ୍ଣଗୋଚରରେ ତାହା ପାଠକଲା । ଏହି ସମୟରେ ଅର୍ଥାତ୍ ନବମ ମାସରେ ରାଜା ଶୀତକାଳ କ୍ଷେମଣରେ ଗୃହରେ ବସିଥିଲେ ଓ ତାଙ୍କ ସମ୍ମୁଖରେ ଅଗ୍ନିପାତ୍ରର ଅଗ୍ନି ଜଳୁଥିଲା । ଅନନ୍ତର ଯିହୂଦୀ ପୁସ୍ତକରୁ ତିନି ଚାରି ପତ୍ର ପାଠ କଲା ଉତ୍ତାରେ ରାଜା କଲମତ୍ରାସରେ ତାହା କାଟି ଅଗ୍ନିପାତ୍ରରେ ଥିବା ଅଗ୍ନିରେ ସମୁଦାୟ ପୁସ୍ତକ ଭସ୍ମସାତ ହେଲା ।" (ଯିରିମିୟ ୩୬:୨୧-୨୩) ତହୁଁ ଯିହୂଦାର ରାଜା ଯିହୋୟାକିମ ଯେଉଁ ପୁସ୍ତକ ପୋଡ଼ି ପକାଇଅଛି, ସେହି ପ୍ରଥମ ପୁସ୍ତକରେ ଲିଖିତ ଆଦ୍ୟ ସକଳ ବାକ୍ୟ ତୁମ୍ଭେ ଆଉ ଖଣ୍ଡେ ପୁସ୍ତକ ନେଇ ପୁନର୍ବାର ଲେଖ । ପୁଣି, ସଦାପ୍ରଭୁ ଏହି କଥା କହନ୍ତି. ବାବିଲର ରାଜା ନିଶ୍ଚୟ ଆସିବ ଓ ଏହି ଦେଶ ନଷ୍ଟ କରିବ, ଆଉ ତାହାକୁ ମନୁଷ୍ୟ ଓ ପଶୁଶୂନ୍ୟ କରିବ, ଏପରି କଥା ତୁମ୍ଭେ କାହିଁକି ଲେଖିଅଛ ? ଏହା କହି ତୁମ୍ଭେ ଏହି ପୁସ୍ତକ ଦଗ୍ଧ କରିଅଛ । ଏହେତୁ ଯିହୂଦାର ରାଜା ଯିହୋୟାକୀମ ବିଷୟରେ ସଦାପ୍ରଭୁ ଏହି କଥା କହନ୍ତି, ଦାଉଦର ସିଂହାସନରେ ବସିବା ପାଇଁ ତାହାର କେହି ରହିବ ନାହିଁ, ଆଉ ତାହାର ମୃତ ଶରୀର ଦିନ ବେଳେ ଖରାରେ ଓ ରାତ୍ରିବେଳେ କାକରରେ ପକାଯିବ, ପୁଣି, ଆମ୍ଭେ ତାହାକୁ ଓ ତାହାର ବଂଶକୁ ଓ ତାହାର ଦାସଗଣକୁ ସେମାନଙ୍କର ଅଧର୍ମ ସକାଶୁ ଶାସ୍ତି ଦେବା, ଆଉ, ଆମ୍ଭେ ସେମାନଙ୍କ ପ୍ରତିକୂଳରେ ଯେ ଯେ ଅମଙ୍ଗଳର କଥା କହିଅଛୁ, ସେସବୁ ସେମାନଙ୍କ ଉପରେ, ଯିରୂଶାଲମ ନିବାସୀମାନଙ୍କ ଉପରେ ଓ ଯିହୂଦାର ଲୋକମାନଙ୍କ ଉପରେ ବର୍ତ୍ତାଇବା; ମାତ୍ର ସେମାନେ ଶୁଣିଲେ ନାହିଁ । ତହୁଁ ଯିରିମିୟ ଆଉ ଖଣ୍ଡେ ପୁସ୍ତକ ନେଇ ନେରିୟର ପୁତ୍ର ବାରୁକ ଲେଖକକୁ ଦେଲେ, ଯିହୂଦାର ରାଜା ଯିହୋୟାକୀମ ଯେଉଁ ପୁସ୍ତକ ଅଗ୍ନିରେ ଦଗ୍ଧ କରିଥିଲା, ତହିଁର ସମସ୍ତ କଥା ସେ ଯିରିମିୟଙ୍କର ମୁଖରୁ ଶୁଣି ତହିଁରେ ଲେଖିଲା; ପୁଣି, ତାହା ଛଡ଼ା ସେହି ପ୍ରକାରେ ଆଉ ଅନେକ କଥା ତହିଁରେ ଯୁକ୍ତ କରାଗଲା ।" (ଯିରିମିୟ ୩୬:୨୮-୩୨) ବର୍ତ୍ତମାନ ଯୁଗରେ ମଧ୍ୟ ଅନେକ ଈଶ୍ୱରଙ୍କ

ସତର୍କତା ମନଯୋଗୀ ନ ହେ ଇ, ଆପଣା ଆପଣା କଳ୍ପନାନୁଯାୟୀ କାର୍ଯ୍ୟ କରନ୍ତି, ପ୍ରତିଫଳ ବିଷୟରେ ଭ୍ରୂକ୍ଷେପ କରନ୍ତି ନାହିଁ ।

କିଛି ସମୟ ପରେ ସଦାପ୍ରଭୁ ଯିରିମିୟଙ୍କ ଦ୍ୱାରା ରାଜା ସିଦିକିୟଙ୍କୁ କହିଲେ, ''......ସଦାପ୍ରଭୁ ସୈନ୍ୟାଧିପତି ପରମେଶ୍ୱର, ଇସ୍ରାଏଲର ପରମେଶ୍ୱର ଏହି କଥା କହନ୍ତି; ଯେବେ ତୁମ୍ଭେ ବାହାର ହୋଇ ବାବିଲ-ରାଜାର ଅଧିପତିମାନଙ୍କୁ ନିକଟକୁ ଯିବ, ତେବେ ତୁମ୍ଭର ପ୍ରାଣ ବଞ୍ଚିବ ଓ ଏହି ନଗର ଅଗ୍ନିରେ ଦଗ୍ଧ ହେବ ନାହିଁ, ପୁଣି, ତୁମ୍ଭେ ଓ ତୁମ୍ଭର ପରିବାର ବଞ୍ଚିବ । ମାତ୍ର ଯେବେ ତୁମ୍ଭେ ବାହାର ହୋଇ ବାବିଲ ରାଜାର ଅଧିପତିମାନଙ୍କ ନିକଟକୁ ଯିବ ନାହିଁ, ତେବେ ଏହି ନଗର କଲଦୀୟମାନଙ୍କ ହସ୍ତରେ ସମର୍ପିତ ହେବ ଓ ସେମାନେ ଅଗ୍ନିରେ ତାହା ଦଗ୍ଧ କରିବେ, ଆଉ ତୁମ୍ଭେ ସେମାନଙ୍କ ହସ୍ତରୁ ରକ୍ଷା ପାଇବ ନାହିଁ ।'' (ଯିରିମିୟ ୩୮ : ୧୭-୧୮) କିନ୍ତୁ ରାଜା ସିଦିକିୟ, ସଦାପ୍ରଭୁଙ୍କ ବାକ୍ୟରେ ମନୋଯୋଗ କଲେ ନାହିଁ, ସେ ଈଶ୍ୱରଙ୍କ ଠାରୁ ଅଧିକ ଭାବେ ମନୁଷ୍ୟମାନଙ୍କୁ ଭୟ କଲେ । ବରଂ ସେ କହିଲେ, ''....ଏହିସବୁ କଥା କେହି ନ ଜାଣୁ, ତହିଁରେ ତୁମ୍ଭେ ମରିବ ନାହିଁ ।'' (୨୪ତମ ପଦ) ଆଜିର ସମାଜ ଅନ୍ୟମାନେ କଅଣ କହିବେ, ସେ ବିଷୟରେ ଚିନ୍ତିତ ଅଟନ୍ତି । ଖ୍ରୀଷ୍ଟିୟାନମାନେ, ପ୍ରଚାରକମାନଙ୍କ ଦ୍ୱାରା ପ୍ରତିଦିନ ଅଖ୍ରୀଷ୍ଟିୟାନମାନଙ୍କ ତାଡ଼ିତ ହେଉଛନ୍ତି ।

ଯିହୂଦା ଓ ଯିରୁଶାଲମ ବିରୁଦ୍ଧରେ ସଦାପ୍ରଭୁଙ୍କ ଭାବବାଣୀ ସଫଳ ହେଲା । ବାବିଲର ରାଜା ନବ୍‌ଖଦନିତ୍ସର ପ୍ରଜାମାନଙ୍କୁ ହତ କଲା, ସଦାପ୍ରଭୁଙ୍କ ମନ୍ଦିର ଧ୍ୱଂସ କଲା, ପାତ୍ର ସବୁ ବାବିଲକୁ ନେଇଗଲା । ''ପୁଣି, ବାବିଲର ରାଜା ରିବ୍ଲାରେ ସିଦିକିୟର ଦୃଷ୍ଟିଗୋଚରରେ, ତାହାର ଅଧିପତି ସମସ୍ତଙ୍କୁ ବଧ କଲା । ଆହୁରି, ସେ ସିଦିକିୟର ଚକ୍ଷୁ ଓପାଡ଼ି, ତାହାକୁ ବାବିଲକୁ ନେଇଯିବା ନିମନ୍ତେ ଶୃଙ୍ଖଳରେ ବଦ୍ଧ କଲା । ପୁଣି, କଲଦୀୟମାନେ ରାଜାର ଗୃହ ଓ ଯିରୁଶାଲମର ପ୍ରାଚୀର ସବୁ ଭାଙ୍ଗି ପକାଇଲେ । ପୁଣି ପ୍ରହରୀବର୍ଗର ସେନାପତି ନବୂସରଦନ ନଗରରେ ଥିବା ଅବଶିଷ୍ଟ ଲୋକମାନଙ୍କୁ ମଧ୍ୟ ତାହାର ପକ୍ଷ ହୋଇଥିବା ପଳାତକମାନଙ୍କୁ ବନ୍ଦୀ କରି ବାବିଲକୁ ନେଇଗଲା ।'' (ଯିରିମିୟ ୩୯ : ୬-୯) । ସଦାପ୍ରଭୁଙ୍କ ଆଜ୍ଞା ଅମାନ୍ୟ କରିବା ପ୍ରତିଫଳ ଭୟଙ୍କର । ତାହାଙ୍କ କ୍ରୋଧରୁ ଆମ୍ଭମାନଙ୍କୁ କିଏ ରକ୍ଷା କରିପାରିବ ?

ତଥାପି ଯିରୁଶାଲମ ଓ ଯିହୂଦା ସଦାପ୍ରଭୁଙ୍କ ସତର୍କତା ଭ୍ରୂକ୍ଷେପ କଲେ ନାହିଁ। କେତେକ ଉତ୍ତମ ଜୀବନ ନିମନ୍ତେ ମିସର ଦେଶକୁ ବାହୁଡ଼ି ଯିବାକୁ ଇଚ୍ଛା କଲେ । ସେମାନେ ଭାବବାଦୀ ଯିରିମିୟଙ୍କ ଦ୍ୱାରା ସଦାପ୍ରଭୁଙ୍କୁ ଅନୁମତି ମାଗିଲେ, ସଦାପ୍ରଭୁ ସେମାନଙ୍କୁ ଉତ୍ତର ଦେଲେ, ''ହେ ଯିହୂଦାର ଅବଶିଷ୍ଟ ଲୋକ, ସଦାପ୍ରଭୁ ତୁମ୍ଭମାନଙ୍କ ବିଷୟରେ କହିଅଛନ୍ତି, ତୁମ୍ଭେମାନେ ମିସରକୁ ଯାଅ ନାହିଁ, ମୁଁ ଆଜି ତୁମ୍ଭମାନଙ୍କୁ ଏହି ସାକ୍ଷ୍ୟ ଦେଲି, ଏହା ନିଶ୍ଚୟ ଜାଣ । ତୁମ୍ଭେମାନେ ଆପଣା ଆପଣା ବିରୁଦ୍ଧରେ ପ୍ରବଞ୍ଚନା କରିଅଛ, କାରଣ ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କ ପାଇଁ ପ୍ରାର୍ଥନା କର ଓ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଯାହା ଯାହା କହିବେ, ତଦନୁସାରେ ଆମ୍ଭମାନଙ୍କୁ ଜଣାଅ, ଆମ୍ଭେମାନେ ତାହା କରିବୁ । ପୁଣି, ଆଜି ମୁଁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କ ନିକଟକୁ ମୋତେ ପଠାଇଲେ, ତହିଁର କୌଣସି ବିଷୟରେ ତୁମ୍ଭେମାନେ ମନୋଯୋଗ କଲ ନାହିଁ, ଏହେତୁ ଏବେ ଜାଣ ଯେ, ଯେଉଁ ସ୍ଥାନରେ ପ୍ରବାସ କରିବା ନିମନ୍ତେ ତୁମ୍ଭେମାନେ ଯିବା ପାଇଁ ବାଞ୍ଛା କରୁଅଛ, ସେ ସ୍ଥାନରେ ତୁମ୍ଭେମାନେ ଖଡ୍‌ଗ, ଦୁର୍ଭିକ୍ଷ ଓ ମହାମାରୀ ପାଇବ ।'' (ଯିରିମିୟ ୪୨:୧୯-୨୨) । କିନ୍ତୁ ସେମାନେ ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞା ଅମାନ୍ୟ କଲେ । ସେମାନେ କହିଲେ,''.....ତୁମ୍ଭେ ମିଥ୍ୟା କଥା କହୁଅଛ, ତୁମ୍ଭେମାନେ ମିସରରେ ପ୍ରବାସ କରିବା ପାଇଁ ଯିବ ନାହିଁ, ଏକଥା କହିବା ପାଇଁ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ତୁମ୍ଭକୁ ପଠାଇ ନାହାନ୍ତି । ମାତ୍ର କଲଦୀୟମାନେ ଯେପରି ଆମ୍ଭମାନଙ୍କୁ ବଧ କରି ପାରିେ ଓ ବନ୍ଦୀ କରି ବାବିଲକୁ ନେଇଯିବେ, ଏଥିପାଇଁ ସେମାନଙ୍କ ହସ୍ତରେ ଆମ୍ଭମାନଙ୍କୁ ସମର୍ପଣ କରିବା ପାଇଁ ନେରିୟର ପୁତ୍ର ବାରୁକ ଆମ୍ଭମାନଙ୍କ ବିରୁଦ୍ଧରେ ପ୍ରବର୍ତ୍ତାଇଅଉନ୍ତି । ଏହି ରୂପେ କାରେହର ପୁତ୍ର ଯୋହନ ଓ ସୈନ୍ୟାଧିପତି ସକଳ ଓ ଲୋକ ସମସ୍ତେ ଯିହୂଦା ଦେଶରେ ବାସ କରିବା ବିଷୟରେ ସଦାପ୍ରଭୁଙ୍କ ରବରେ ମନୋଯୋଗ କଲେ ନାହିଁ ।'' (ଯିରିମିୟ ୪୩:୧-୪)

ମିସର ଦେଶକୁ ପ୍ରସ୍ଥାନ କରିଥିବା ଯିହୂଦୀମାନଙ୍କ ଉପରେ ସଦାପ୍ରଭୁଙ୍କ କ୍ରୋଧ ସଙ୍କ ନ ଥିଲା । ସେ ସେମାନଙ୍କ ଉପରେ ଦଣ୍ଡାଜ୍ଞା ପ୍ରକଟ କରି କହିଥିଲେ, ''ଯିହୂଦା ଦେଶରେ ଓ ଯିରୁଶାଲମର ସମସ୍ତ ପଥରେ କୃତ ତୁମ୍ଭମାନଙ୍କର ପିତୃପୁରୁଷମାନଙ୍କର ଦୁଷ୍କ୍ରିୟା ଓ ଯିହୂଦା ରାଜଗଣର ଦୁଷ୍କ୍ରିୟା ଓ ସେମାନଙ୍କର

ଭାର୍ଯ୍ୟାଗଣର ଦୁଷ୍କ୍ରିୟା, ଆଉ ତୁମ୍ଭମାନଙ୍କର ଦୁଷ୍କ୍ରିୟାଓ ତୁମ୍ଭମାନଙ୍କର ଭାର୍ଯ୍ୟାଗଣର ଦୁଷ୍କ୍ରିୟା କି ତୁମ୍ଭେମାନେ ପାସୋରିଅଛ ? ସେମାନେ ଆଜି ପର୍ଯ୍ୟନ୍ତ ଚୂର୍ଣ୍ଣମନା ହୋଇନାହାନ୍ତି, କିଅବା ସେମାନେ ଭୟ କରି ନାହାନ୍ତି, ଅଥବା ଆମ୍ଭେ ତୁମ୍ଭମାନଙ୍କ ସମ୍ମୁଖରେ ଆପଣାର ଯେଉଁ ବ୍ୟବସ୍ଥା ଓ ବିଧି ସ୍ଥାପନ କଲୁ ତଦନୁସାରେ ଆଚରଣ କରିନାହାନ୍ତି । ଏହେତୁ ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର ଏହି କଥା କହନ୍ତି, ଦେଖ, ଆମ୍ଭେ ତୁମ୍ଭମାନଙ୍କର ଅମଙ୍ଗଳ କରିବା ପାଇଁ, ସମୁଦାୟ ଯିହୂଦାକୁ ହିଁ ଉଚ୍ଛନ୍ନ କରିବା ପାଇଁ ତୁମ୍ଭମାନଙ୍କର ବିରୁଦ୍ଧରେ ଆପଣା ମୁଖ ରଖିବା । ପୁଣି, ଯିହୂଦାର ଯେଉଁ ଅବଶିଷ୍ଟାଂଶ ଲୋକେ ମିସର ଦେଶରେ ପ୍ରବାସ କରିବା ପାଇଁ ସେଠାକୁ ଯିବା ଲାଗି ଉତ୍ସୁକ ଅଛନ୍ତି, ଆମ୍ଭେମାନେ ସେମାନଙ୍କୁ ଧରିବା ଓ ସେସମସ୍ତେ ଲୁପ୍ତ ହେବେ, ମିସର ଦେଶରେ ସେମାନେ ପତିତ ହେବେ; ଖଡ୍‌ଗ ଓ ଦୁର୍ଭିକ୍ଷରେ ସେମାନେ ଲୁପ୍ତ ହେବେ । କ୍ଷୁଦ୍ର ଓ ମହାନ୍ ଖଡ୍‌ଗ ଓ ଦୁର୍ଭିକ୍ଷରେ ମରିବେ, ଆଉ, ସେମାନେ ଅଭିଶାପ ଓ ନିନ୍ଦାର ପାତ୍ର ହେବେ । କାରଣ ଆମ୍ଭେ ଯେପରି ଖଡ୍‌ଗ ଓ ଦୁର୍ଭିକ୍ଷ ଓ ମହାମାରୀ ଦ୍ୱାରା ଯିରୁଶାଲମକୁ ଦଣ୍ଡ ଦେଇଅଛୁ ତଦ୍ରୂପ ମିସର ଦେଶରେ ବାସକାରୀମାନଙ୍କୁ ଦଣ୍ଡ ଦେବା; ତହିଁରେ ଯିହୂଦାର ଯେଉଁ ଅବଶିଷ୍ଟ ଲୋକେ ଯିହୂଦା ଦେଶକୁ ଫେରିଯାଇ ସେଠାରେ ବାସ କରିବା ପାଇଁ ବାଞ୍ଛା କରି ମିସର ଦେଶରେ ପ୍ରବାସ କରିବାକୁ ଆସିଅଛନ୍ତି, ସେମାନଙ୍କ ମଧ୍ୟରୁ କେହି ଉତ୍ତୀର୍ଣ୍ଣ ଓ ରକ୍ଷାପ୍ରାପ୍ତ ହେବେ ନାହିଁ, କାରଣ ପଳାତକ ଲୋକମାନଙ୍କ ଛଡ଼ା ଆଉ କେହି ଫେରିଯିବେ ନାହିଁ ।" (ଯିରିମିୟ ୪୪:୯-୧୪)

ଅନେକ ମତଶାଖା ମଣ୍ଡଳୀଗୁଡ଼ିକ ଈଶ୍ୱରଙ୍କ ବାକ୍ୟ ଅଦଳ ବଦଳ କରି ଆପଣା ଆପଣା ପନ୍ଥାର ଅନୁସରଣ କରନ୍ତି । ଉଦାହରଣ ସ୍ୱରୂପ; ବାଦ୍ୟ ସଙ୍ଗୀତ, ମଣ୍ଡଳୀରେ ସ୍ତ୍ରୀ ପ୍ରଚାରକ, ଇତ୍ୟାଦି । "ଆମ୍ଭେମାନେ ଅନେକ ବାକ୍ୟଧ୍ୟାନ, ପ୍ରାର୍ଥନା ଦ୍ୱାରା ଏହି ପନ୍ଥା ଅବଲମ୍ବନ କରୁଅଛୁ" ବୋଲି ସେମାନେ ଅପାଣା ବିଷୟରେ କହିଥାନ୍ତି । ସେମାନଙ୍କର ବାଇବଲ ବ୍ୟତୀତ ଆପଣା ଆପଣା ନିୟମାବଳୀର ପୁସ୍ତକ ରହିଥାଏ ।

କିନ୍ତୁ ବାସ୍ତବତାରେ ସେମାନେ ଇସ୍ରାଏଲମାନଙ୍କ ସଦୃଶ୍ୟ, ସଦାପ୍ରଭୁଙ୍କ ଆଜ୍ଞା ପାଳନ ନ କରି, ଆପଣା ସ୍ୱନୀତିର ଅନୁସରଣ କରନ୍ତି ? "ଅନନ୍ତର ସେହି ବର୍ଷ

ଅର୍ଥାତ୍ ଯିହୂଦାର ରାଜା ସିଦ୍ଦିକିୟର ରାଜତ୍ୱର ଆରମ୍ଭ ସମୟରେ, ଚତୁର୍ଥ ବର୍ଷର ପଞ୍ଚମ ମାସରେ ଗିବିୟୋନ ନିବାସୀ ଅସୁରର ପୁତ୍ର ହନାନିୟ ଭବିଷ୍ୟଦବକ୍ତା ସଦାପ୍ରଭୁଙ୍କ ଗୃହରେ ଯାଜକମାନଙ୍କର ଓ ଲୋକ ସମସ୍ତଙ୍କର ସାକ୍ଷାତରେ ମୋତେ ଏହି କଥା କହିଲା, ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲ ପରମେଶ୍ୱର ଏହି କଥା କହନ୍ତି, ଆମ୍ଭେ ବାବିଲ ରାଜାର ଜୁଆଳି ଭାଙ୍ଗି ଅଛୁ । ବାବିଲର ରାଜା ନବଦନିସ୍ୱର ଏହି ସ୍ଥାନରୁ ସଦାପ୍ରଭୁଙ୍କ ଗୃହରେ ଯେସକଳ ପାତ୍ର ବାବିଲକୁ ନେଇ ଯାଇଅଛି, ସେସବୁ ଆମ୍ଭେ ପୂର୍ଣ୍ଣ ଦୁଇବର୍ଷ ମଧ୍ୟରେ ପୁନଃର୍ବାର ଏହି ସ୍ଥାନକୁ ଆଣିବା । ପୁଣି, ଯିହୋୟାକୀମର ପୁତ୍ର ଯିହୂଦାର ରାଜା ଯିହୋୟାଖୀନକୁ, ଯିହୂଦାର ବାବିଲକୁ ବନ୍ଦୀ ହୋଇଯାଇଥିବା ସମସ୍ତ ଲୋକଙ୍କ ସହିତ ଏ ସ୍ଥାନକୁ ଫେରାଇ ଆଣିବା, ଏହା ସଦାପ୍ରଭୁ କହନ୍ତି, କାରଣ ଆମ୍ଭେ ବାବିଲ ରାଜାର ଯୁଆଳି ଭାଙ୍ଗି ପକାଇବା ।'' (ଯିରିମିୟ ୨୮:୧-୪)

ପ୍ରଶ୍ନ ଉଠେ, ଆମ୍ଭମାନଙ୍କ କର୍ତ୍ତବ୍ୟ କଅଣ ? ନିଶ୍ଚିତ ଭାବେ ଈଶ୍ୱରଙ୍କ ବାକ୍ୟ ଅପରିବର୍ତ୍ତନୀୟ । ସାଧୁମାନଙ୍କ ନିମନ୍ତେ ବିଶ୍ୱାସ ଏକାଥରକେ ସମର୍ପିତ ହୋଇଅଛି । (ଯିହୂଦା ୩) ଈଶ୍ୱରଙ୍କ ପବିତ୍ର ଶାସ୍ତ୍ର ବାଇବଲରେ (1) Catholic (2) Lutheran (3) Baptist (4) Methodist (5) Pentecostal (6) Life Church (7) Episcopal (8) Mororaons (9) Jehovah's Witness ମଣ୍ଡଳୀଗୁଡ଼ିକରେକିଛି କୁହାଯାଏ ନାହିଁ । କିନ୍ତୁ ଅସଂଖ୍ୟ ସଂଖ୍ୟା ଏହି ମଣ୍ଡଳୀମାନଙ୍କରେ ସଂଯୁକ୍ତ ହେଉଅଛନ୍ତି । ଇସ୍ରାଏଲୀୟମାନେ ଯିରିମିୟଙ୍କ ଭାବବାଣି ଭ୍ରୂକ୍ଷେପ ନ କରି ଭଣ୍ଡ ଭାବବାଦୀମାନଙ୍କର ଅନୁସରଣ କଲେ ।

ଅତଏବ, ଆମ୍ଭେମାନେ ସତ୍ୟ ବାକ୍ୟର ଧ୍ୟାନ କରୁ । ପରିତ୍ରାଣ ପାଇବା ନିମନ୍ତେ ଈଶ୍ୱରଙ୍କ ସର୍ତ୍ତଗୁଡ଼ିକ ପାଳନ କରୁ । ପରିତ୍ରାଣ ପ୍ରାପ୍ତି ନିମନ୍ତେ ଈଶ୍ୱରଙ୍କ ଯୋଜନା ସରଳ ଅଟେ । (୧) ଈଶ୍ୱରଙ୍କ ବାକ୍ର ଶ୍ରବଣ (ରୋମୀୟ ୧୦:୭) (୨) ବିଶ୍ୱାସ (ଯୋହନ ୩:୧୬) (୩) ମନ ପରିବର୍ତ୍ତନ (ଲୂ ୧୩:୩,୫) (୪) ସ୍ୱୀକାର (ମାଥିଉ ୧୦:୩୩,୩୪) (୫) ବାପ୍ତିସ୍ମ (ମାର୍କ ୧୬:୧୬) (୬) ବିଶ୍ୱସ୍ତ ଜୀବନଯାପନ କର । (ପ୍ର.କା. ୨:୧୦) ଏହା ଏକମାତ୍ର ପରିତ୍ରାଣର ଯୋଜନା । ଏହି ପରିତ୍ରାଣର ଯୋଜନା କେବଳ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ପ୍ରଚାରିତ ହୁଏ । କୌଣସି ମତଶାଖାରେ ନୁହେଁ ।

ବାକ୍ୟ ଧ୍ୟାନ କରନ୍ତୁ ! ଉପରଲିଖିତ ବିଷୟଗୁଡ଼ିକ ଈଶ୍ୱରଙ୍କ ବାକ୍ୟରେ ଲିଖିତ ହୋଇଅଛି କି ନାହିଁ ପରୀକ୍ଷା କରନ୍ତୁ । ସତ୍ୟ ଜାଣି ଅବଲମ୍ବନ କରନ୍ତୁ !

"....ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି ।" (ରୋମୀୟ ୧୬:୧୬)

**- *Ronnie Gootam***

❋❋❋

# ପ୍ରଗତିରେ ଏକ ପରିଚର୍ଯ୍ୟା
## (A work in Progress)

ତାର୍ଷ ନିବାସୀ ଶାଉଲଙ୍କ ବିଷୟରେ ଆମ୍ଭେମାନେ ସର୍ବପ୍ରଥମେ ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକ ସପ୍ତମ ଅଧ୍ୟାୟରେ ୫୮ତମ ପଦରେ ପଢ଼ିଥାଉଁ । ସେ ସମୟରେ ସ୍ତିଫାନଙ୍କ ପ୍ରସ୍ତରାଘାତରେ ମୃତ୍ୟୁ ଭୋଗିବାରେ ସଚକ୍ଷୁ ସାକ୍ଷୀ ଥିଲେ ଓ ତାହାଙ୍କ ଦୁଃମରଣରେ ସେ ସମ୍ମତ ଥିଲେ ।

ଶାଉଲ ଏକ ରୋମୀୟ ନାଗରିକ ଓ ଗ୍ରୀକ୍ ସଂସ୍କୃତିରେ ସୁଶିକ୍ଷିତ ଥିଲେ । ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା କରିବା ଓ ମଣ୍ଡଳୀକୁ ଧ୍ୱଂସ କରିବା ତାହାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା । (ପ୍ରେ.କା. ୯:୩) । ଯୀଶୁଖ୍ରୀଷ୍ଟଙ୍କ ଅନୁଚରମାନଙ୍କୁ ଭୟଭୀତ କରିବାରେ, ପ୍ରାଣ ନାଶ କରିବାରେ ଅତି ଇଚ୍ଛୁକ ଶାଉଲ, ଦମ୍ମେସ୍କକର ସମସ୍ତ ସମାଜଗୃହ ଠାରୁ ପୂର୍ଣ୍ଣ ଅଧିକାର ସେ ପ୍ରାପ୍ତ ଥିଲେ । (୯:୨) ।

କିନ୍ତୁ ସେ ଦମ୍ମେସ୍କକର ମାର୍ଗରେ ପ୍ରଭୁ ଯୀଶୁଙ୍କ ଦର୍ଶନ ପାଇ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ବାକ୍ୟ କହେ, ".....ଅକସ୍ମାତ ଆକାଶରୁ ଆଲୋକ ତାଙ୍କ ଚାରିଆଡ଼େ ଚମକି ଉଠିଲା । ସେଥିରେ ସେ ଭୂମିରେ ପଡ଼ିଯାଇ ତାଙ୍କ ପ୍ରତି ଉକ୍ତ ଏହିବାଣୀ ଶୁଣିଲେ, "ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭକୁ ତାଡ଼ନା କରୁଅଛ ?" (୯:୩,୪)

ସେ ଯୀଶୁଖ୍ରୀଷ୍ଟଙ୍କ ସହ କଥୋପକଥନ କରୁଅଛନ୍ତି ବୋଲି ଜ୍ଞାତ ହୋଇ,

ତାହାଙ୍କୁ କଅଣ କରିବାକୁ ହେବ ବୋଲି ପ୍ରଶ୍ନ କରିଥିଲେ । ଯୀଶୁ, ଶାଉଲଙ୍କୁ ଉତ୍ତର ଦେଇ କହିଲେ, "....ଉଠ, ନଗରରେ ପ୍ରବେଶ କର, ଆଉ ତୁମ୍ଭକୁ କଅଣ କରିବାକୁ ହେବ କୁହାଯିବ ।" (୬ମ ପଦ)

ଦୃଷ୍ଟିବିହୀନ ଶାଉଲ ଦମେସ୍କକ ନଗରକୁ ହାତ ଧରି, ତାହାଙ୍କ ସଙ୍ଗୀମାନେ କଢ଼ାଇ ଘେନିଗଲେ । ହନନୀୟ ନାମକ ଏକ ପ୍ରଚାରକ, ଶାଉଲଙ୍କୁ ପ୍ରଭୁଙ୍କ ମାର୍ଗ ଶିକ୍ଷା ଦେବା ନିମନ୍ତେ ପ୍ରଭୁଙ୍କ ଦ୍ୱାରା ପ୍ରେରିତ ହେଲେ ଏବଂ ସେ ଦୃଷ୍ଟିଶକ୍ତି ପାଇ ବାପ୍ତିଜିତ ହେଲେ । (୧୮ମ ପଦ)

**ଏକ ନୂତନ ଗମ୍ୟ :**

ପ୍ରଥମେ ଶାଉଲ ଯେଉଁ ଖ୍ରୀଷ୍ଟଧର୍ମର ମାର୍ଗକୁ ନିନ୍ଦା କରୁଥିଲେ, ତାଡ଼ନା କରିଥିଲେ, ବର୍ତ୍ତମାନ ସେ ଗ୍ରହଣ କରିଥିଲେ । ତାହାଙ୍କ ପରିବର୍ତ୍ତନରେ ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଯେଉଁ ବ୍ୟକ୍ତି ଘରେ ଘରେ ଯାଇ ଖ୍ରୀଷ୍ଟିୟାନମାନଙ୍କୁ ବାନ୍ଧି କାରାଗାରରେ ନିକ୍ଷିପ୍ତ କରୁଥିଲେ, ସେ ନିଜେ ସେହି ଖ୍ରୀଷ୍ଟଧର୍ମ ପ୍ରଚାର କରିବାକୁ ଆରମ୍ଭ କଲେ ।

ଶେଷରେ, ଯିହୂଦୀମାନେ ତାହାଙ୍କୁ ହତ୍ୟା କରିବା ନିମନ୍ତେ ଷଡ଼ଯନ୍ତ୍ର କଲେ। କିନ୍ତୁ ତାହାଙ୍କ ଶିଷ୍ୟମାନେ ତାହାଙ୍କୁ ରାତ୍ରି କାଳରେ ତାଙ୍କୁ ଘେନି ଗୋଟିଏ ବେତାରେ ପ୍ରାଚୀର ଦେଇ ତଳକୁ ଓହ୍ଲାଇ ଦେଲେ । ସେ ଯିରୁଶାଲମକୁ ପଳାୟନ କରି, ଅନ୍ୟ ଖ୍ରୀଷ୍ଟିୟାନ ମାନଙ୍କ ସହଭାଗିତା ଅପେକ୍ଷା କଲେ । କିନ୍ତୁ ଯିରୁଶାଲମରେ ଥିବା ପ୍ରେରିତମାନେ, ଶିଷ୍ୟମାନେ ତାହାଙ୍କ ସହ ସହଯୋଗ କରିବାରେ ଭୀତ ହେଲେ । କାରଣ ସେମାନେ ଶାଉଲଙ୍କ ପୂର୍ବ କାର୍ଯ୍ୟ ବିଷୟରେ ଜ୍ଞାତ ଥିଲେ । କିନ୍ତୁ ବର୍ଣ୍ଣବା ଦ୍ୱୟପକ୍ଷର ମଧ୍ୟସ୍ଥ ହୋଇ, ସହଭାଗିତାରେ ସାହାଯ୍ୟ କରିଥିଲେ ।

ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକ ତ୍ରୟୋଦଶ ଅଧ୍ୟାୟ ନବମ ପଦରୁ, ଶାଉଲଙ୍କ ନାମ ପାଉଲ ରୂପେ ହେବା ପଢ଼ିପାରିଥାଉ । ପାଉଲ ଅନେକ ପ୍ରଦେଶରେ ପ୍ରଭୁଙ୍କ ସୁସମାଚାର ପ୍ରଚାର କରି, ଅନେକ ସ୍ଥାନରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପନ କରିଥିଲେ । ସେ ଅନେକ ଶ୍ରମ, କ୍ଳେଶର ସମ୍ମୁଖୀନ ହୋଇଥିଲେ । ଖ୍ରୀଷ୍ଟଙ୍କ ନିମନ୍ତେ

ସେ ଅନୁଭବ କରିଥିବା ଶ୍ରମ, କ୍ଳେଶରର ବିବରଣ ଆମ୍ଭେମାନେ ୨ କରିନ୍ଥୀ ୧୧ମ ପର୍ବରେ ପଢ଼ିଥାଉ ।

ଶେଷରେ, ରୋମୀୟ ଦରବାରରେ ବିଚାର ହେବା ନିମନ୍ତେ ପାଉଲ ସେଠାକୁ ନିଆଯାଇଥିଲେ । ସେଠାରେ ଦୁଇବର୍ଷ ବନ୍ଦୀବସ୍ଥାରେ ରହି, ଅନେକ ନିକଟରେ ସୁସମାଚାର ପ୍ରଚାର କରିଥିଲେ ।

ପୂର୍ବେ ଖ୍ରୀଷ୍ଟଙ୍କ ଶତ୍ରୁ ରୂପେ ପରିଚିତ ପ୍ରେରିତ ପାଉଲ ଖ୍ରୀଷ୍ଟିୟ ଜୀବନ ନିମନ୍ତେ ଆବଶ୍ୟକୀୟ ଅନେକ ପତ୍ର ଲେଖିଥିଲେ । ସେଥିମଧ୍ୟରୁ କେତୋଟି ସେ ରୋମୀୟ କାରାଗାରରୁ ଲେଖିଥିଲେ । ତାହାଙ୍କ ଅନ୍ତ ସମୀପରେ ଥିବା ବିଷୟ, ସେ ତୀମଥିଙ୍କୁ ଲେଖିଥିବା ଦ୍ୱିତୀୟ ପତ୍ରରେ ସୂଚାଇ ଥିଲେ । ଯଦିଓ ତାହାଙ୍କ ମୃତ୍ୟୁ ବିଷୟରେ ବାଇବଲରେ ଲିଖିତ ହୋଇନାହିଁ । କିନ୍ତୁ EUSEBLUS ନାମକ ଏକ ଐତିହାସିକ, ପାଉଲ ଖ୍ରୀ:ଜ: ୬୭ ମସିହାରେ ମସ୍ତକ ଛେଦନ ଦ୍ୱାରା ମୃତ୍ୟୁ ଭୋଗିଥିଲେ ବୋଲି ଆପଣା ଲେଖନୀରେ ପ୍ରକଟ କରନ୍ତି । ପ୍ରେରିତ ପାଉଲ ରାତାରାତି ଏକ ମହାନ୍ ଆତ୍ମିକ ନେତା ହୋଇ ନ ଥିଲେ । କିନ୍ତୁ କ୍ରମେ କ୍ରମେ ଏକ ମହାନ୍ ବ୍ୟକ୍ତି, ଏକ ମହାନ୍ ପ୍ରଚାରକ, ଏକ ମହାନ ପ୍ରେରିତ ରୂପେ ବୃଦ୍ଧି ପାଇଥିଲେ ।

ସେ ପାପ ବିରୁଦ୍ଧରେ କିପରି ସଂଗ୍ରାମ କରିଥିଲେ, ରୋମୀୟ ୮:୧୯ ପଦରେ ଲେଖିଅଛନ୍ତି, ''କାରଣ, ଉତ୍ତମ କର୍ମ କରିବାକୁ ଇଚ୍ଛୁକ ଯେ ମୁଁ, ମୋ ନିକଟରେ ଯେ ଉପସ୍ଥିତ........'' (ରୋମୀୟ ୭:୧୯) । ପ୍ରେରିତ ପାଉଲ ଆମ୍ଭମାନଙ୍କ ସଦୃଶ୍ୟ ଏକ ସମଭାବାପନ୍ନ ମନୁଷ୍ୟ ଥିଲେ । ଆମ୍ଭମାନଙ୍କ ସଦୃଶ୍ୟ ତାହାଙ୍କ ସମ୍ମୁଖରେ ପାପର ପ୍ରଲୋଭନ ଥିଲା । ପାପ, ପ୍ରଲୋଭନ ଜୟ କରିବା, ତାହାଙ୍କ ନିମନ୍ତେ ସାଧାରଣ ବିଷୟ ନ ଥିଲା । କିନ୍ତୁ ସେ ସନ୍ତୋଷ ଓ ସନ୍ତୃପ୍ତି ସହ କହନ୍ତି,''......ମୁଁ ଯେକୌଣସି ଅବସ୍ଥାରେ ଥାଏ, ସେଥିରେ ସନ୍ତୁଷ୍ଟ ରହିବାକୁ ଶିକ୍ଷା କରିଅଛି ।'' (ଫିଲିପି ୪:୧୧) । ପାଉଲଙ୍କ ଜୀବନର କଷ୍ଟ, ଶ୍ରମ, ତାହାଙ୍କ ଜୀବନର ଦୁର୍ବଳତା ଦୂର କରି ଏକ ସମ୍ପୂର୍ଣ୍ଣ ବ୍ୟକ୍ତି ରୂପେ ଗଢ଼ି ଥିଲା । ଏତଦ୍ୱାରା ସ୍ୱର୍ଗକୁ ଯିବା ପଥ ସୁଖପ୍ରଦ ହୋଇଗଲା । ସେ ଦୁଇପାଦ ଆଗକୁ ନେଇ, ଏକପାଦ ପଛକୁ ନେଇଥିଲେ ।

ଏହି ପରମେଶ୍ୱରଙ୍କ ଠାରୁ ଆମ୍ଭେମାନେ ଅନେକ ମୂଲ୍ୟବାନ ଶିକ୍ଷା ପାଇଥାଉ। ପ୍ରଭୁଙ୍କ ଦର୍ଶନ ପାଇବା ପୂର୍ବେ ଅନେକ ଖ୍ରୀଷ୍ଟିୟାନମାନଙ୍କ ତାଡ଼ନା କଲେ, କିନ୍ତୁ ପ୍ରଭୁଙ୍କୁ ପାଇବା ପରେ ବିଶ୍ୱାସରେ ସ୍ଥିର ରହି, ତାହାଙ୍କ ରାଜ୍ୟ ନିମନ୍ତେ ଅନେକ ଆତ୍ମା ଲାଭ କରିଥିଲେ ।

ଆମ୍ଭେମାନେ ଶ୍ରମ, କ୍ଲେଶର ନିରୁତ୍ସାହର ସମ୍ମୁଖୀନ ହେବାବେଳେ, ପ୍ରେରିତ ପାଉଲଙ୍କୁ ସ୍ମରଣ କରୁ । ଆମ୍ଭେମାନେ ଦୁର୍ବଳ ମନୁଷ୍ୟ ମାତ୍ର ଯେ ଆମ୍ଭମାନଙ୍କ ନିମନ୍ତେ ଆପଣା ପ୍ରାଣ ନେଲେ, ତାହାଙ୍କ ଦ୍ୱାରା ସବଳ ହେଉ । ଆସ, ଆମ୍ଭେମାନେ ସେହି ପରିଚର୍ଯ୍ୟାର ସହଭାଗୀ ହେଉ । **- Late Betty Tucker**

❋❋❋

## ମୃତମାନେ କେଉଁ ଠାରେ ?
### (Where are the dead ?)

"ମୃତମାନେ କେଉଁଠାରେ ?" ଏହା ସମସ୍ତ ମାନବ ସମାଜର ପ୍ରଶ୍ନ । ମନୁଷ୍ୟ ଶରୀର ଓ ଆତ୍ମା ବିଶିଷ୍ଟ ଏକ ପ୍ରାଣୀ । "ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟଙ୍କୁ ନିର୍ମାଣ କରି ତାହାର ନାସିକା ରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣ ବାୟୁ ପ୍ରବେଶ କରାଇଲେ, ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।" (ଆଦି ୨:୭) । ଶରୀର କ୍ଷଣସ୍ଥାୟୀ କିନ୍ତୁ ଆତ୍ମା ଅନନ୍ତଜୀବି । ଶରୀର କ୍ଷୟ ପାଏ, କିନ୍ତୁ ଆତ୍ମା ଅନନ୍ତକାଳ ଅକ୍ଷୟ ଅଟେ ।

ମରଣ ଉତ୍ତାରେ ଶରୀର କଅଣ ହେବ, ଏହା ଆମ୍ଭମାନଙ୍କ ବିଷୟ ବସ୍ତୁ ନୁହେଁ, କିନ୍ତୁ ମୃତ୍ୟୁପରେ ଆତ୍ମାର ପରିସ୍ଥିତି କଅଣ ଏହି ଅଧ୍ୟାୟରେ ବିଶ୍ଳେଷଣ କରି ବୁଝିବା । ମରଣ ପରେ ଆତ୍ମା କେଉଁଠାରେ ରହେ ? ଏହା ସମାଧିରେ ରହେ ନାହିଁ । ମରଣପରେ ଆତ୍ମା ଶରୀର ଠାରୁ ବିଚ୍ଛିନ୍ନ ହୁଏ ଓ କେବଳ ଶରୀର ସମାଧି ପ୍ରାପ୍ତ ହୁଏ ।

ଅନେକଙ୍କ ମତନୁଯାୟୀ ମୃତ୍ୟୁପରେ ଆତ୍ମା ପରିଷ୍କରଣ ସ୍ଥାନ(Purgatorial Realm) କୁ ଯାଏ ନାହିଁ । ଆତ୍ମା ଗୁଡ଼ିକ ସେ ସ୍ଥାନକୁ ଯାଇ ଆପଣା ପାପ ନିମନ୍ତେ

ଶାସ୍ତି ଅନୁଭବ କରିବା ପରେ ପରିଶୁଦ୍ଧ ହେବେ ବୋଲି ମନୁଷ୍ୟମାନଙ୍କ ଭ୍ରାନ୍ତ ଧାରଣା। କାରଣ ଧର୍ମଶାସ୍ତ୍ର ଏ ବିଷୟରେ ମୌନ ରହେ । ମୃତ୍ୟୁପରେ ତତ୍କ୍ଷଣାତ୍ ଆତ୍ମା ସ୍ୱର୍ଗକୁ କି ନର୍କକୁ ଯାଏ ନାହିଁ ।

ଯୀଶୁଖ୍ରୀଷ୍ଟ ମୃତ୍ୟୁ ପୂର୍ବରୁ ଆପଣା ସହ କ୍ରୁଶ ଉପରେ ଚଢ଼ା ଯାଇଥିବା ଡକାୟତକୁ କହିଲେ, "...ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଆଜି ତୁମ୍ଭେ ମୋହର ସହିତ 'ପାରାଦୀଶ'ରେ ଉପସ୍ଥିତ ହେବ । ମନପରିବର୍ତ୍ତନ କରିଥିବା ଡକାୟତ ସେ ଦିନ ମୃତ୍ୟୁପରେ ପାରଦୀଶରେ ପ୍ରବେଶ କରିଥିଲା ।" (ଲୂକ ୨୩:୪୩) । ତିନିଦିନ ପରେ ଉଦ୍ୟାନରେ ମଗଦଲିନୀ ମରିୟମକୁ ଦର୍ଶନ ଦେଇ କହିଲେ, "...ମୋତେ ଧରି ରଖ ନାହିଁ, କିନ୍ତୁ ମୁଁ ଏପର୍ଯ୍ୟନ୍ତ ପିତାଙ୍କ ନିକଟକୁ ଆରୋହଣ କରି ନାହିଁ...।" (ଯୋହନ ୨୦:୧୭) । ଯୀଶୁ ଓ ଡକାୟତ ଶୁକ୍ରବାର ଦିନ ଯାତ୍ରା ଆରମ୍ଭ କରିଥିଲେ, କିନ୍ତୁ ରବିବାର ସେ କହନ୍ତି, ସେ ପିତାଙ୍କ ନିକଟକୁ ଯାଇ ନାହାନ୍ତି । ଏତଦ୍ଦ୍ୱାରା ପାରଦୀଶ ସଦାପ୍ରଭୁଙ୍କ ନିବାସ ସ୍ଥାନନୁହେଁ ବୋଲି ଜାଣିପାରୁ ।

ପାରଦୀଶ କେଉଁଠାରେ ? ପ୍ରଭୁଯୀଶୁ ମୃତ୍ୟୁପରେ ଯେଉଁ ସ୍ଥାନକୁ ଯାଇ ଥିଲେ, ଜାଣିପାରିଲେ, ପାରଦୀଶ କେଉଁଠି ଜାଣି ପାରିବା ? ପ୍ରେରିତ ୨:୨୬-୨୭ ପଦରେ ପିତର, ଦାଉଦଙ୍କ ବ୍ୟକ୍ତ ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନର ଭାବବାଣୀ ଉଲ୍ଲେଖ କରି କହନ୍ତି, "ତେଣୁ ମୋହର ହୃଦୟ ପ୍ରଫୁଲ୍ଲ ଓ ମୋହର ଜିହ୍ୱା ଉଲ୍ଲସିତ ହେଲା , ଆହୁରି ମୋର ଶରୀର ମଧ୍ୟ ଭରସାରେ ବାସ କରିବ, କାରଣ ତୁମ୍ଭେ ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବ ନାହିଁ, କିଅବା ଆପଣା ଭକ୍ତକୁ କ୍ଷୟ ପାଇବାକୁ ଦେବ ନାହିଁ ।" (ପ୍ରେରିତ ୨:୨୬-୨୮) । Hell କିଅବା Hades ଗସ୍ତ ଆତ୍ମାମାନେ ବାସ କରନ୍ତି । ଏହି ପ୍ରଦେଶରେ ପାରଦୀଶ ଉପସ୍ଥିତ ।

ପାତାଳ କିପରି ସ୍ଥାନ ? ଏ ବିଷୟରେ କି ବାଇବଲରେ ଲିଖିତ ହୋଇଅଛି ? ଲୂକ ଲିଖିତ ସୁସମାଚାରର ୧୬ମ ଅଧ୍ୟାୟରେ ବର୍ଣ୍ଣିତ ଲାଜର ମୃତ୍ୟୁଭୋଗି ଅବ୍ରାହମକୁ କୋଳକୁ ନୀତ ହେଲେ, କିନ୍ତୁ ଧନୀଲୋକ ମୃତ୍ୟୁଭୋଗି ନରକଯନ୍ତ୍ରଣାର ସ୍ଥାନରେ କଲବଲ ହୋଇ ଡାକି କହିଲେ, "...ହେ ପିତା ଅବ୍ରାହମ, ମୋତେ ଦୟାକରି ଲାଜରଙ୍କ ପଠାଇ ଦିଅନ୍ତୁ, ଯେପରି ସେ ପାଣିରେ ଆପଣା ଅଙ୍ଗୁଳିର ଟିପ ବୁଡ଼ାଇ

ମୋର ଜିଭକୁ ଥଣ୍ଡାକରେ, କାରଣ ମୁଁ ଏହି ନିଆଁରେ କଲବଲ ହେଉଅଛି ।" (ଲୂକ ୧୬:୨୪) । କିନ୍ତୁ ସେମାନଙ୍କ ମଧ୍ୟରେ ବୃହତ ବ୍ୟବଧାନ ରହିଥିବାରୁ, ସେ କାର୍ଯ୍ୟ ଅସମ୍ଭବ ବୋଲି ଅବ୍ରାହାମ ଉତ୍ତର ଦେଇଥିଲେ । ତପ୍ରରେ ସେ ଆପଣା ଭାଇମାନଙ୍କ ନିକଟକୁ ଲାଜରକୁ ପଠାଇ ସେମାନଙ୍କ ଯନ୍ତ୍ରଣାର ସ୍ଥାନ ବିଷୟରେ ସତର୍କ କରିବାକୁ ଅନୁରୋଧ କଲେ । କିନ୍ତୁ ଅବ୍ରାହାମ, ସେମାନଙ୍କ ନିକଟରେ ମୋଶା ଓ ଭାବବାଦୀମାନଙ୍କ ପୁସ୍ତକ ଅଛି ବୋଲି ସେ ଉତ୍ତର ଦେଇଥିଲେ । ମନୁଷ୍ୟର ମୃତ୍ୟୁପରେ ଶରୀର ସମାଧିସ୍ଥ ହୁଏ ଓ ଆତ୍ମା ପାତାଳ ଅର୍ଥାତ୍ Hades ରେ ନୀତ । ଧାର୍ମିକମାନେ ଅବ୍ରାହମଙ୍କ କୋଳରୂପ ପାରଦୀଶକୁ ଯାଆନ୍ତି ଓ ଅଧାର୍ମିକମାନେ ଯନ୍ତ୍ରଣାର ସ୍ଥଳକୁ । ଏହି ଦୁଇ ସ୍ଥାନ ମଧ୍ୟରେ ଅଗାଧ ବ୍ୟବଚ୍ଛେଦ ନିର୍ଣ୍ଣିତ ହୋଇଅଛି । ଶରୀର ବିହୀନ ଆତ୍ମାମାନେ ଏକକୁ ଆରେକ ଚିହ୍ନି ପାରିବେ ଓ ଜାଗତିକ ଜୀବନର ସ୍ମୃତି, ବିସ୍ମୃତି ନୋହିବ ।

ଲାଜର ଓ ଧନୀଲୋକ ନିମନ୍ତେ ତାହା ଚିରସ୍ଥାୟୀ ସ୍ଥିତି ନୁହେଁ । କାରଣ ଜଗତରେ ଏବେ ଯାଏ ଜୀବନ ଅଛି ଓ ବିଚାରଦିନ ଉପସ୍ଥିତ ହୋଇ ନାହିଁ । ଉପରୋକ୍ତ ଘଟଣା ଖ୍ରୀଷ୍ଟଙ୍କ ଯୁଗ ଆରମ୍ଭ ହେବା ପୂର୍ବରୁ ଘଟିଥିଲା । ଖ୍ରୀଷ୍ଟିୟାନ ଯୁଗରେ ସେ କହିବେ, "ସେମାନଙ୍କ ନିକଟରେ ଖ୍ରୀଷ୍ଟ ଓ ତାହାଙ୍କ ପ୍ରେରିତମାନଙ୍କ ବାକ୍ୟ ଅଛି ।"

ପ୍ରଶ୍ନ ଉଠେ, ଯଦି ଏହି ସବୁ ସତ୍ୟ ଅଟେ ତେବେ ବିଚାରର ଆଉ ଆବଶ୍ୟକତା କଅଣ ? ନ୍ୟାୟାଧିପତି ସଦାପ୍ରଭୁ ଚକ୍ଷୁସ ସାକ୍ଷ୍ୟ ଉପରେ ଆଧାରିତ ହୋଇ ଅପରାଧ ପରିଗଣନା କରିବେ ବୋଲି ମନେ କରନ୍ତୁ ନାହିଁ । ବିଚାର ଦିନରେ ବିଚାରପତି ନ୍ୟାୟ ବିଚାର ପ୍ରକଟ କରିବେ । ଧାର୍ମିକମାନେ ଅନାଦି ପରମେଶ୍ୱରଙ୍କ ସହ ଅନନ୍ତକାଳ ବାସ କରିବା ନିମନ୍ତେ ସ୍ୱର୍ଗକୁ ଯିବେ ଓ ଧାର୍ମିକମାନେ ଶୟତାନ ଓ ତାହାଙ୍କ ଦୂତମାନଙ୍କ ସହ ଅନନ୍ତକାଳ ନିମନ୍ତେ ନରକରେ ନିକ୍ଷିପ୍ତ ହେବେ ।

ଆପଣ କେଉଁଠାରେ ଅନନ୍ତକାଳ ପର୍ଯ୍ୟନ୍ତ ବାସ କରିବାକୁ ଇଚ୍ଛା କରନ୍ତି ? ନିର୍ଣ୍ଣୟ ଆପଣଙ୍କର ।

– **Roy Beasley**

❋❋❋

**Edited & Published by : Kabita & Joshua Gootam**